# NATIONAL NEWS BULLETIN (ODIA)

## 30 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନୂତନ ସୁରକ୍ଷା ଆହ୍ୱାନ ଗୁଡ଼ିକର ଦୃଢ଼ତାର ସହ ମୁକାବିଲା ପାଇଁ ବିଏସ୍ଏଫ୍‌କୁ ଅତିରିକ୍ତ ଦାୟିତ୍ୱ ଦିଆଯିବ - କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ସମଗ୍ର ଶିକ୍ଷା ଅଭିଯାନର ବିସ୍ତୃତ ସମୀକ୍ଷା କରି ଏହାକୁ ଅଧିକ ସ୍ୱଚ୍ଛ ଏବଂ ଫଳାଫଳଭିତ୍ତିକ କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ରୁଷ୍-ୟୁକ୍ରେନ୍ ସଂଘର୍ଷ ଶେଷ ପର୍ଯ୍ୟାୟରେ ପହଞ୍ଚିଛି-କହିଲେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ।
- ଆଜିଠାରୁ ୫ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି ମ୍ୟାଁମାର ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆସନ୍ତାକାଲି ଗୁଜୁରାଟ ଟାଇଟନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ମଧ୍ୟରେ ହେବ ଫାଇନାଲ ।

# ଶାହା-ଭୁଜ୍ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ବିଭିନ୍ନ ପରିସ୍ଥିତିରେ ଦେଖାଦେଇଥିବା ସୁରକ୍ଷା ଆହ୍ୱାନର ଦୃଢ଼ତାର ସହ ମୁକାବିଲା ପାଇଁ ସୀମା ସୁରକ୍ଷାବଳ ବିଏସ୍‌ଏଫ୍‌କୁ ଅତିରିକ୍ତ ଦାୟିତ୍ୱ ଦିଆଯିବ । ଗତକାଲି ଗୁଜୁରାଟର ଭୁଜ୍‌ରେ ବିଏସ୍‌ଏଫ୍ ଅଧିକାରୀଙ୍କ ସହ ଆଲୋଚନା ସମୟରେ ଶ୍ରୀ ଶାହା ଏହା କହିଛନ୍ତି । ଭାରତ-ପାକିସ୍ତାନ ସୀମାରେ ବିଏସ୍‌ଏଫ୍‌ର ୨ଟି ଆଉଟ୍‌ପୋଷ୍ଟକୁ ମନ୍ତ୍ରୀ ଶ୍ରୀ ଶାହା ଉଦ୍‌ଘାଟନ କରିଛନ୍ତି ।

**V/O (Amit Saha)**

ବିଏସ୍‌ଏଫ୍ ପ୍ରତିଷ୍ଠାକୁ ୬୦ବର୍ଷ ପୂରଣ ହୋଇଥିବାବେଳେ ସୀମା ସୁରକ୍ଷାରେ ବିଏସ୍‌ଏଫ୍‌ର କାର୍ଯ୍ୟଧାରାକୁ ସମ୍ପୂର୍ଣ୍ଣ ରୂପାନ୍ତରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଶ୍ରୀ ଶାହା କହିଛନ୍ତି । ସୀମା ସୁରକ୍ଷା କ୍ଷେତ୍ରରେ ପାରମ୍ପରିକ ପଦ୍ଧତିକୁ ପରିବର୍ତ୍ତନ କରି ଆଞ୍ଚଳିକ ସୁରକ୍ଷା ବ୍ୟବସ୍ଥା ପ୍ରଚଳନ ଉପରେ ଶ୍ରୀ ଶାହା ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି ଆଞ୍ଚଳିକ ସୁରକ୍ଷା ବ୍ୟବସ୍ଥାରେ ବିଏସ୍‌ଏଫ୍ ଜବାନଙ୍କ ସହ ଜନସାଧାରଣ, ପ୍ରଶାସନ, ସ୍ଥାନୀୟ ପୁଲିସ ଏବଂ ସାମରିକ ବାହିନୀ ମଧ୍ୟରେ ପ୍ରାଥମିକ ଦାୟିତ୍ୱ ସାମିଲ ହେବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ସ୍ମାର୍ଟ ସୀମା ସୁରକ୍ଷା ପ୍ରକଳ୍ପ ଅଧୀନରେ ସୀମାରେ ସୁରକ୍ଷା ଗ୍ରୀଡ୍ ସୁଦୃଢ଼ କରିବା ପାଇଁ ଉଦ୍ୟମ ଚାଲିଛି । ଏଥିରେ କୋଟି କୋଟି ଟଙ୍କା ନିବେଶ କରାଯିବା ସହ ୱାଚ୍ ଟାୱାର, ରାଡାର ଏବଂ

ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରାଯାଉଛି । ଗ୍ରୀଡ଼ ପ୍ରତିଷ୍ଠିତ ହେବା ପରେ ଦେଶର ସୀମାଲଙ୍ଘନ କରିବା ପାଇଁ କେହି ସାହସ କରିବେ ନାହିଁ ବୋଲି ଶ୍ରୀ ଶାହା କହିଛନ୍ତି । ପଶ୍ଚିମବଙ୍ଗ ସହ ବାଂଲାଦେଶ ସୀମାରେ ତାରବାଡ ସ୍ଥାପନ ପାଇଁ ପଶ୍ଚିମବଙ୍ଗ ସରକାର ଜମି ଯୋଗାଇ ଦେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

## ପ୍ରଧାନ-ସମଗ୍ର ଶିକ୍ଷା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରୀତା ନେଇ ବିସ୍ତୃତ ସମୀକ୍ଷା କରିଛନ୍ତି । ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ପାଣ୍ଠି ପ୍ରଦାନ ଏବଂ ଏହାର କାର୍ଯ୍ୟାନ୍ୱୟନ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ପ୍ରଧାନ ଏହାର ତୃତୀୟ ପର୍ଯ୍ୟାୟକୁ ଦକ୍ଷ ଏବଂ ସ୍ୱଚ୍ଛ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି ସମଗ୍ର ଶିକ୍ଷା ଅଭିଯାନ, ପ୍ରଧାନମନ୍ତ୍ରୀ ପୋଷଣ ଅଭିଯାନ, ଉଲ୍ଲାସ, ପିଏମ୍‌ଶ୍ରୀ ଓ ଅନ୍ୟାନ୍ୟ ଯୋଜନା ଗୁଡ଼ିକୁ ସମ୍ମିଳିତ କରି ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯିବ । ଫଳରେ ସ୍କୁଲ ଶିକ୍ଷା ଇକୋ ସିଷ୍ଟମରେ ଏହିସବୁ ଯୋଜନାଗୁଡ଼ିକ ଅଧିକ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟକାରୀ ହୋଇପାରିବ ।

ବୈଠକରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ, ନବସୃଜନ, ପୃଷ୍ଟିସାର, ଦକ୍ଷତାବିକାଶ, କ୍ରୀଡ଼ା ଏବଂ କଳା ଉପରେ ସ୍ୱତନ୍ତ୍ର

ଗୁରୁତ୍ୱ ଦିଆଯାଇ ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ ।

## ରୁଷ୍-ୟୁକ୍ରେନ୍ ୱାର

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ କହିଛନ୍ତି ରୁଷ୍-ୟୁକ୍ରେନ୍ ସଂଘର୍ଷ ଶେଷ ହେବାକୁ ଯାଉଛି । ରୁଷ୍ ରାଷ୍ଟ୍ରପତିଙ୍କ ବକ୍ତବ୍ୟକୁ ଉଦ୍ଧାର କରି ସେଠାକାର ଗଣମାଧ୍ୟମ ସଂସ୍ଥା ରିପୋର୍ଟ କରିଛି ଯେ ଯୁଦ୍ଧକ୍ଷେତ୍ରରେ ଦେଖାଦେଇଥିବା ପରିସ୍ଥିତିକୁ ଆକଳନ କରି ଯୁଦ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କୁହାଯାଇଛି । ତେବେ ଏଥିଲାଗି ନିର୍ଦ୍ଦିଷ୍ଟ ସମୟସୀମା ବିଷୟରେ କୌଣସି ମନ୍ତବ୍ୟ ଦିଆଯାଇନାହିଁ । ରୁଷ୍ ରାଷ୍ଟ୍ରପତି କହିଛନ୍ତି ୟୁକ୍ରେନ୍ ସହ ବୁଝାମଣା ପାଇଁ ସେ ପ୍ରସ୍ତୁତ ଅଛନ୍ତି ଏବଂ କୌଣସି ସମୟରେ ବୁଝାମଣାକୁ ପ୍ରତ୍ୟାଖାନ କରିନାହାନ୍ତି ।

## ଭିପି-ଗୋଆ ଷ୍ଟେଟ୍ ହୁଡ୍ ଡେ

ଗୋଆ ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୮୭ ମସିହା ମଇ ମାସ ୩୦ ତାରିଖରେ ଗୋଆକୁ ଭାରତର ୨୫ତମ ରାଜ୍ୟ ଭାବେ ସମ୍ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା । ଆଜି ପଣଜୀଠାରେ କଳା ଏକାଡେମୀରେ ଗୋଆ ରାଜ୍ୟ ଦିବସ ଉତ୍ସବରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଯୋଗଦେବେ ।

## ପୋର୍ଟାଲ ଅନ୍‌କ୍ଲେମ୍‌ଡ ଆସେଟ୍

ଦେଶରେ ଦାବିହୀନ ଆର୍ଥିକ ସମ୍ପତ୍ତି ସମ୍ପର୍କରେ ସୂଚନା ଯୋଗାଇଦେବା ଉଦ୍ଦେଶ୍ୟରେ ଆର୍ଥିକ ସେବା ବିଭାଗ ଏକ ପୋର୍ଟାଲ ଆରମ୍ଭ କରିଛି । ଦେଶର ୧୨ଟି ସରକାରୀ ବ୍ୟାଙ୍କ ସହଯୋଗରେ ଏହି ପୋର୍ଟାଲ ଆରମ୍ଭ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ **unclaimedassetsportal.in** ରେ ସମସ୍ତ ଦାବିହୀନ ଆର୍ଥିକ ସମ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ଏହାଦ୍ୱାରା ଅଧିକ ସ୍ୱଚ୍ଛ ଏବଂ ନାଗରିକ କୈନ୍ଦ୍ରିକ ଆର୍ଥିକ ଇକୋ ସିଷ୍ଟମ ଗଠନ ହୋଇପାରିବ ବୋଲି କୁହାଯାଇଛି ।

## ମିଆମାର ପ୍ରେଜ୍ ଭିଜିଟ୍

ମ୍ୟାଁମାର ରାଷ୍ଟ୍ରପତି ୟୁ ମିନ୍ ଅଙ୍ଗ ହ୍ଲାଇଙ୍ଗ ୫ ଦିନିଆ ଭାରତ ଗସ୍ତରେ ଆସି ଆଜି ସକାଳେ ବିହାରର ଗୟାରେ ପହଞ୍ଚିବେ । ତାଙ୍କସହ କ୍ୟାବିନେଟ୍ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବାଣିଜ୍ୟିକ ନେତୃତ୍ୱଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଆସୁଛନ୍ତି । ରାଷ୍ଟ୍ରପତି ଭାବରେ ହ୍ଲାଇଙ୍ଗଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଏହି ଅବସରରେ ମ୍ୟାଁମାର ରାଷ୍ଟ୍ରପତି ମହାବୋଧି ମନ୍ଦିର ଏବଂ ସୁଜାତା ମନ୍ଦିରରେ ପୂଜାର୍ଚ୍ଚନା କରିବେ ।

ପରେ ମ୍ୟାଁମାର ରାଷ୍ଟ୍ରପତି ନୂଆଦିଲ୍ଲୀରେ ପହଞ୍ଚିବା ପରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ହେବାକୁଥିବା ମ୍ୟାଁମାର-

ଭାରତ ବାଣିଜ୍ୟିକ ବୈଠକରେ ସେ ଯୋଗଦେବେ । ସୋମବାର ଦିନ ମ୍ୟାଁମାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଉଭୟ ଦେଶ ମଧ୍ୟରେ ଥିବା ଐତିହାସିକ ଓ ସାଂସ୍କୃତିକ ସହଭାଗିତାକୁ ଆହୁରି ମଜଭୁତ କରିବା ଦିଗରେ ଆଲୋଚନା କରିବେ । ଗତକାଲି ନୂଆଦିଲ୍ଲୀରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଉଭୟ ନେତା ଭାରତ-ମ୍ୟାଁମାର ମଧ୍ୟରେ ଥିବା ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବେ ।

## ବୈଷ୍ଣବ-ନେତ୍ର

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଡିଜାଇନ୍ ଲିଙ୍କ୍‌ଡ ଇନ୍‌ସେଟିଭ ଯୋଜନା ଉତ୍ସାଜନକ ଫଳାଫଳ ପ୍ରଦାନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି ତିରୁଅନନ୍ତପୁରମ ଭିତ୍ତିକ ସେମି କଣ୍ଡକ୍ଟର ଷ୍ଟାର୍ଟଅପ୍ ନେତ୍ରାସେମି ଦ୍ୱାରା ଦେଶର ପ୍ରଥମ ଏଜ୍ ଏଆଇ ସିଷ୍ଟମ ଅନ୍ ଚିପ୍-ନେତ୍ରା ଏ-୨୦୦୦ ବିକଶିତ କରାଯାଇଛି । ବାଣିଜ୍ୟିକ ସ୍ତରରେ ଏହି ଚିପ୍ ବ୍ୟବହାର ହେଲେ ଅଟୋମୋବାଇଲ, ରୋବୋଟିକ୍ସ ଏବଂ ଡ୍ରୋନ୍ ଭଳି କ୍ଷେତ୍ର ଗୁଡ଼ିକରେ କାର୍ଯ୍ୟକଳାପ ଆହୁରି ଉନ୍ନତ ହୋଇପାରିବ ।

## ଗଭ୍-ଫୁଏଲ ରିଜର୍ଭ

ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ବିବାଦ ଯୋଗୁଁ ବିଶ୍ୱ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ କେନ୍ଦ୍ର ସରକାର, ସରକାରୀ କ୍ଷେତ୍ରର

ତୈଳ ବିପଣନ କମ୍ପାନୀଗୁଡ଼ିକୁ ଅନ୍ୟୂନ ୩୦ ଦିନ ପାଇଁ ଏଲ୍‌ପିଜି ମହଜୁଦ ରଖିବାକୁ କହିଛନ୍ତି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା, ପଶ୍ଚିମ ଏସିଆ ବିବାଦ ନେଇ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଭାରତ ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରୁଛି । ସେ କହିଛନ୍ତି, ସରକାର ରଣନୈତିକ ସଂରକ୍ଷଣ ମାଧ୍ୟମରେ ଇନ୍ଧନ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ଲାଗି କାର୍ଯ୍ୟ କରୁଛନ୍ତି । ସରକାରୀ ତୈଳ ବିପଣନ କମ୍ପାନୀ, ଭାରତୀୟ ତୈଳ ନିଗମ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମକୁ ନିୟମିତ ସଂରକ୍ଷଣ ସମେତ ଅତିରିକ୍ତ ଇନ୍ଧନ ମହଜୁଦ ଲାଗି ଯୋଜନା କରିବା ପାଇଁ କୁହାଯାଇଥିବା ଶ୍ରୀମତୀ ଶର୍ମା କହିଛନ୍ତି ।

ଯୁଗ୍ମ ସଚିବ କହିଛନ୍ତି ଦେଶରେ ପେଟ୍ରୋଲିୟମ, ଡିଜେଲ, ଏଲ୍‌ପିଜି, ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ପର୍ଯ୍ୟାପ୍ତ ପରିମାଣର ମହଜୁଦ ରହିଛି ଏବଂ ବିଶୋଧନାଗାରଗୁଡ଼ିକ ଅହରହ କାର୍ଯ୍ୟ କରୁଛନ୍ତି ।

ପ୍ରତ୍ୟେକ ଦିନ ସର୍ବାଧିକ ୯୨ହଜାର ଏଲ୍‌ପିଜି ଉତ୍ପାଦନ ହେଉଥିବା ସେ ସୂଚନା ଦେଇଛନ୍ତି । ଗତ ୪ ଦିନରେ ୧ କୋଟି ୭୮ ଲକ୍ଷ ଏଲ୍‌ପିଜି ବୁକିଂ କରାଯାଇଥିବାବେଳେ ୯୬ ପ୍ରତିଶତ ବିତରଣ କରାଯାଇଛି । ଜନସାଧାରଣଙ୍କୁ ଇନ୍ଧନ ଆବଶ୍ୟକତା ନେଇ ବିବ୍ରତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି ।

**V/O (Sujata on Petrol)**

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଓପେଶ କୁମାର ଶର୍ମା କହିଛନ୍ତି, ମନ୍ତ୍ରଣାଳୟ ପକ୍ଷରୁ ନାବିକମାନଙ୍କ କଲ୍ୟାଣ ଏବଂ ନିରବଚ୍ଛିନ୍ନ ସାମୁଦ୍ରିକ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତୀୟ ମିଶନ ଏବଂ ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରାଯାଉଛି । ଏକ ଅଶୋଧିତ ତୈଳ ଟ୍ୟାଙ୍କର ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଯାତ୍ରା ଜାରି ରଖିଛି ଏବଂ ଆସନ୍ତା ୩ ତାରିଖରେ ଏହା ବିଶାଖାପାଟନାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଶ୍ରୀ ଶର୍ମା କହିଛନ୍ତି ବିଦେଶରେ ଥିବା ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ।

# ଆଇପିଏଲ୍-କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ନୂଆ-ଚଣ୍ଡିଗଡରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟାରରେ ଗୁଜୁରାଟ ଟାଇଟନ୍ସ, ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ୨୧୫ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଗୁଜୁରାଟ ଟାଇଟନ୍ସ ୧୮ ଓଭର ୪ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ୨୧୯ ରନ୍ ସ୍କୋର କରିଥିଲା । ଶୁଭମନ ଗିଲ୍ ୫୩ଟି ବଲ୍‌ରୁ ୧୦୪ ରନ୍ କରିଥିବାବେଳେ ସାଇ ସୁଦର୍ଶନ ୫୮ ରନ୍ କରିଥିଲେ । ଶୁଭମନ ଗିଲ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା

କରାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୧୪ ରନ୍ ସ୍କୋର କରିଥିଲା ।

ଆସନ୍ତାକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଗୁଜୁରାଟ ଟାଇଟନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଏସିଆ ୟୁ-୨୦ ଆଥଲେଟିକ୍ସ

ହଂକଂରେ ଚାଲିଥିବା ୨୦ବର୍ଷରୁ କମ୍ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ଉତ୍ତମ ପ୍ରଦର୍ଶନ ଜାରି ରଖିଛି । ୪ଟି ସ୍ୱର୍ଣ୍ଣପଦକ ସମେତ ଭାରତ ଏପର୍ଯ୍ୟନ୍ତ ୮ଟି ପଦକ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ଗତକାଲି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଗୋଟିଏ ସ୍ୱର୍ଣ୍ଣ ସମେତ ୭ଟି ପଦକ ଜିତିଛନ୍ତି । ୧୯ବର୍ଷୀୟ ପୂଜା ସିଂହ ମହିଳା ହାଇଜମ୍ପରେ ସ୍ୱର୍ଣ୍ଣପଦକ ଜିତିଥିବାବେଳେ ୫ହଜାର ମିଟର ପୁରୁଷ ଦୌଡ଼ରେ ନିତୀନ ଗୁପ୍ତା, ମହିଳା ଡିସ୍କସ ଥ୍ରୋରେ ଅମାନତ କାମ୍ବୋଜ ଏବଂ ପୁରୁଷ ଡିକାଥଲନରେ ରାହୁଲ ଝାକଡ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ଭାରତର ୩୦ଜଣ ପୁରୁଷ ଏବଂ ୧୮ଜଣ କ୍ରୀଡ଼ାବିତ୍ ହଂକଂ ଯାଇଛନ୍ତି । ଆସନ୍ତାକାଲି ପ୍ରତିଯୋଗିତା ଉଦ୍‌ଯାପନ ହେବ ।